# ଦୋଳସାହିରେ ଖୋଲିଲା ଜଳଛତ୍ର

ଦୋଳସାହି,୨୨।୪(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ଓ ଗୁଆମାଳ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଜଳଛତ୍ର ଖୋଲାଯାଇ ନ ଥିବା ନେଇ ମଙ୍ଗଳବାର 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଖବର ପରିବେଷଣ ମାତ୍ରେ ଦୋଳସାହି ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଅଲ୍ଲିନଗରଠାରେ ସରପଞ୍ଚ ଗୌରୀଶଙ୍କର ଜେନାଙ୍କ ଦ୍ୱାରା ଜଳଛତ୍ର ଖୋଲାଯାଇଥିବା ଜଣାଯାଇଛି। ଏହି ପଞ୍ଚାୟତ ଓ ଗୁଆମାଳ ପଞ୍ଚାୟତରେ ଜଳଛତ୍ର କାର୍ଯ୍ୟକ୍ରମ ହେଉ ନ ଥିବା ନେଇ ଏହି ପ୍ରତିନିଧିଙ୍କ ପକ୍ଷରୁ ତିହିଡ଼ି ବ୍ଲକ୍ ବିଡିଓ ନିରଞ୍ଜନ ବାରିକଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା। ବିଡିଓ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦୋଳସାହି ପଞ୍ଚାୟତ ଅଧିକାରୀ ଦିଲ୍ଲୀପ ସିଂ ଓ ସରପଞ୍ଚ ଗୌରୀଶଙ୍କର ଜେନାଙ୍କ ତତ୍ତ୍ୱାବଧାନରେ ଏହି ଜଳଛତ୍ର ଖୋଲାଯାଇଥିବା ଦେଖିବାକୁ ମିଳିଛି। ସେହିପରି ଗୁଆମାଳ ପଞ୍ଚାୟତରେ ଏହି ଜଳଛତ୍ର ଖୋଲାଯାଉ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।




'ସକାଳ' ପ୍ରଭାବ

## ବାରିକପୁର-କାଶିମପୁର ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା

# ୩୮ କୋଟି ବ୍ୟୟ ପରେ ବି ମରଣଯନ୍ତା ପାଲଟିଛି

ଅସୁରାଳି,୨୨।୪(ସମିସ)



ବାରିକପୁର ପୂର୍ତ୍ତ ବିଭାଗ ଅଧୀନରେ ଚାଲିଥିବା ବାରିକପୁର-କାଶିମପୁର ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପ୍ରାୟ ୧୭ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା ପାଇଁ ସରକାରୀ ଭାବେ ୩୮ କୋଟି ଟଙ୍କା ବ୍ୟୟ କରାଯାଇଥିଲେ ହେଁ, ନିମ୍ନମାନର କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଘୋର୍ ଅସନ୍ତୋଷ ଦେଖାଦେଇଛି।

ଅଭିଯୋଗ ଅନୁଯାୟୀ, ବାରିକପୁରଠାରୁ କାସଦିପୁର ପର୍ଯ୍ୟନ୍ତ ଏ ପର୍ଯ୍ୟନ୍ତ ସରିଲା ନାହିଁ। ପିଚୁ କାମ ଅତ୍ୟନ୍ତ ନିମ୍ନମାନର ଯୋଗୁଁ ରାସ୍ତାର ଚାରିଆଡ଼େ ଫାଟିଗଲାଣି। ରାସ୍ତାରେ ବ୍ୟବହାର କରାଯାଉଥିବା କଞ୍ଚାମାଲ ମଧ୍ୟ ଠିକ୍ ନାହିଁ। ଯାହାଫଳରେ ନିର୍ମାଣର କିଛି ଦିନ ପରେ ହିଁ ରାସ୍ତା ଖରାପ ହେବାକୁ ଲାଗିଲାଣି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ପ୍ରାୟ ୩୮ କୋଟି ଟଙ୍କାର ବଜେଟ୍ ଥିଲେ ମଧ୍ୟ କାର୍ଯ୍ୟ କେବଳ ନାମକୁ ମାତ୍ର କରାଯାଉଛି। ଏତେ ପରିମାଣର ଅର୍ଥ କୁଆଡ଼େ ଯାଉଛି, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତାର ଦୁରବସ୍ଥା ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ଏବଂ ପ୍ରଶାସନକୁ ଜଣାଇବା ପରେ ବି କୌଣସି ସୁଫଳ ମିଳୁନାହିଁ। ଏହି ରାସ୍ତାଟି ବାରିକପୁର ନିକଟରେ ଜାତୀୟ ରାଜପଥ ସହ ସଂଯୁକ୍ତ ହୋଇଛି। ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ, ବ୍ୟବସାୟୀ ଏବଂ କର୍ମଜୀବୀ ବ୍ୟକ୍ତି ଏହି ରାସ୍ତା ଦେଇ ଭଦ୍ରକ, ବାରିକପୁର, କଟକ ଓ ଭୁବନେଶ୍ୱର ଭଳି ପ୍ରମୁଖ ସହରକୁ ଯାତାୟାତ କରନ୍ତି। ଏପରିକି ରାଜଧାନୀକୁ ଯାଉଥିବା ଯାତ୍ରୀବାହୀ ବସ୍ ମଧ୍ୟ ଏହି ରାସ୍ତା ଉପରେ ନିର୍ଭରଶୀଳ। ଅସୁରାଳି, ଗଡ଼ିଆଳି, ଗୋବିନ୍ଦପୁର, ଚୁଡ଼ାକୁଟି, ଖପରପଦା, କଲ୍ୟାଣୀ ଏବଂ କାଶିମପୁର ଭଳି ଅନେକ ଗ୍ରାମର ବାସିନ୍ଦାଙ୍କ ପାଇଁ ଏହା ଏକମାତ୍ର ମୁଖ୍ୟ ମାର୍ଗ। ସେହିଭଳି ତିହିଡ଼ି ବ୍ଲକ୍, ଚାନ୍ଦବାଲି ବ୍ଲକ୍ ଆଦି ଅଞ୍ଚଳ ନିର୍ଭର କରନ୍ତି। ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ସ୍ଥାନୀୟ ଯନ୍ତ୍ରୀ ଶ୍ରୀନିବାସ ମଲ୍ଲିକଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଏହି ଘଟଣାର ତଦନ୍ତ କରାଯିବ। ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତଦନ୍ତ ପ୍ରକ୍ରିୟାକୁ କେବଳ ପ୍ରତିଶ୍ରୁତିରେ ସୀମିତ ନ ରଖି ପ୍ରଶାସନ ତୁରନ୍ତ ରାସ୍ତା କାର୍ଯ୍ୟର ମାନ ଯାଞ୍ଚ କରି ଦୋଷୀଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେଉ ବୋଲି ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ମହିଳା ସଂରକ୍ଷଣ ବିଲ୍ ନାଁରେ କୁମ୍ଭୀର କାନ୍ଦଣା ବନ୍ଦ କରୁ ବିଜେପି: କଂଗ୍ରେସ

ଭଦ୍ରକ,୨୨।୪(ସମିସ): ଲୋକଙ୍କୁ ମିଛ କହି ଭ୍ରମିତ କରୁଛି ବିଜେପି। ପ୍ରଧାନମନ୍ତ୍ରୀ ଓ ତାଙ୍କ ଦଳ ମିଛ କହି ଦେଶବାସୀଙ୍କୁ ଭ୍ରମିତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରିବା ସହ ଏଥିରୁ ନିବୃତ ରହିବାକୁ ଆହ୍ୱାନ ଦେଇଛି କଂଗ୍ରେସ। ମଙ୍ଗଳବାର ପିସିସି ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି ପିସିସି ମିଡିଆ ସେଲ ଉପାଧ୍ୟକ୍ଷ ଅମୀୟ ପାଣ୍ଡବ। ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ଉପରେ ବର୍ଷିଛନ୍ତି ଶ୍ରୀ ପାଣ୍ଡବ। ମହିଳା ସଶକ୍ତୀକରଣ ଓ ରାଜନୈତିକ ଭାଗିଦାରୀ ଉପରେ ସବୁବେଳେ କଂଗ୍ରେସ ଗୁରୁତ୍ୱ ଦେଇ ଆସିଛି ବୋଲି ଜୋର୍ ଦେଇ କହିବା ସହ ମହିଳାଙ୍କ ମର୍ଯ୍ୟାଦା ପ୍ରତି ସାମାନ୍ୟ ସମ୍ମାନ କିମ୍ବା ଦରଦ ନ ଥିବା ବିଜେପି ତୁଚ୍ଛାଟାରେ ନାଟକ କରୁଛି ବୋଲି କହିଛନ୍ତି। ୨୦ ସେପ୍ଟେମ୍ବର ୨୦୨୩ରେ ମହିଳା ସଂରକ୍ଷଣ ବିଲ୍ ସଂସଦରେ ପାସ୍ ହୋଇ ସାରିଥିବାବେଳେ ତାହା କାର୍ଯ୍ୟକାରୀ ନ କରି ଏବେ ସୀମା ପୁନଃ ନିର୍ଦ୍ଧାରଣ ବିଲ୍ ଗୃହୀତ କରାଇନେବା ହିଁ ବିଜେପିର ଘୃଣ୍ୟ କସରତ ଥିଲା ବୋଲି ସେ କହିଛନ୍ତି। ଜନସଂଖ୍ୟାକୁ ଆଧାର କରି ଏକ ମତଭେଦପୂର୍ଣ୍ଣ ଯୋଜନା ମାଧ୍ୟମରେ ଓଡ଼ିଶା ପରି କିଛି ରାଜ୍ୟକୁ ଦୁର୍ବଳ କରିବାକୁ ଷଡ଼ଯନ୍ତ୍ର କରାଯାଇଥିଲା। ମୋଦି ସରକାର ଏହି ଚାଲ୍‌କୁ ସଚେତନ ସାଂସଦମାନେ ବୁଝିବା ସହ ପରାସ୍ତ ଓ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି। ୨୦୨୩ରେ କଂଗ୍ରେସ ସମେତ ପ୍ରାୟ ସବୁ ଦଳ ଏହାକୁ ସମର୍ଥନ କରି ଗୃହୀତ କରାଇଥିଲେ। ମାତ୍ର ସରକାର ୨୦୨୪ ନିର୍ବାଚନରେ ତାକୁ କାର୍ଯ୍ୟକାରୀ କଲେ ନାହିଁ କାହିଁକି? ତେଣୁ ୫୪୩ ଆସନ ମଧ୍ୟରୁ ୧୮୧ ମହିଳାଙ୍କୁ ପ୍ରତିନିଧିତ୍ୱ କରିବାକୁ କିଏ ବଞ୍ଚିତ କରିଛି ବୋଲି ସେ ପ୍ରଶ୍ନ କରିଥିଲେ। ୨୦୧୦ରେ ସଂସଦ ଓ ବିଧାନସଭାରେ ମହିଳାଙ୍କ ୩୩ ପ୍ରତିଶତ ସଂରକ୍ଷଣ ବିଲ୍ ତତ୍କାଳୀନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂ ରାଜ୍ୟସଭାରେ ୧୦୮ତମ ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରାଇଥିବା ବିଜେପି ଭୁଲିଗଲା କିପରି? ଏହି ବିଲ୍ ଉପରେ ବିତର୍କରେ ଭାଗ ନେଇ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଯାହା ଉପସ୍ଥାପନା କରିଥିଲେ ତାହା ଯଥାର୍ଥ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମହିଳା ନେତ୍ରୀ ଶର୍ମିଷ୍ଠା ପଣ୍ଡା, ଜାନକୀ ମଲ୍ଲିକ, ଶେଖ୍ ହସିନା, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ଦେବେନ୍ଦ୍ର ମହାନ୍ତି, ପୀତବାସ ଧଳ, ଅବ୍ଦୁଲ ମୋକିଦ ଖାନ, ଚାନ୍ଦବାଲି ବ୍ଲକ୍ ସଭାପତି ସୁଭାଶିଷ୍ ମଲ୍ଲିକ, ଜିଲ୍ଲା କୋଷାଧ୍ୟକ୍ଷ ବିଜୟ ବାରିକ, ବିଦ୍ୟାଧର ଜେନା, ରଞ୍ଜନ ଜେନା, ଶମ୍ଭୁନାଥ ପତି, ପ୍ରଫୁଲ୍ଲ ପାଢ଼ୀ, ପଦ୍ମଲୋଚନ ବେହେରା, ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




## ● ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜାତୀୟ କବି ବାଞ୍ଛାନିଧିଙ୍କ ରାଜ୍ୟସ୍ତରୀୟ ସ୍ମୃତିସଭା

# 'ବାଞ୍ଛାନିଧି ଥିଲେ ଜାତୀୟ ଜାଗରଣର ସ୍ୱର'

ଭଦ୍ରକ,୨୨।୪(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବାଞ୍ଛାନିଧି ସ୍ମୃତି ସଂସଦ ମିଳିତ ସହଯୋଗରେ ଜିଲ୍ଲା ସଂସ୍କୃତି ଭବନଠାରେ ଜାତୀୟ କବି ବାଞ୍ଛାନିଧିଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡ. ଦୁର୍ଯ୍ୟୋଧନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲାପାଳ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। କବି ବାଞ୍ଛାନିଧିଙ୍କ ଲେଖନୀ ଥିଲା ଅସ୍ତ୍ର ଓ କବିତା ଥିଲା ତାଙ୍କର ମନ୍ତ୍ର। ଯେଉଁ କବିତାରେ ଭରିରହିଥିଲା ଜାତୀୟ ଜାଗରଣର ସ୍ୱର। ସ୍ୱାଧୀନତାର ପୃଷ୍ଠଭୂମିରେ ତାଙ୍କର ଉଦ୍‌ବୋଧନ ମୂଳକ କବିତା ଦେଶପ୍ରେମ, ଜନସଚେତନତା ସୃଷ୍ଟି କରିବାରେ ଉଲ୍ଲେଖନୀୟ ଅବଦାନ ଥିଲା ବୋଲି ଅତିଥିମାନେ ମତପ୍ରକାଶ କରିବା ସହ କବିଙ୍କ ସ୍ମୃତିକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଧିକ ଉଜ୍ଜୀବିତ କରି ରଖିବା ପାଇଁ ଭଦ୍ରକରେ କୌଣସି ସ୍କୁଲ, କଲେଜ କବିଙ୍କ ନାମରେ ନାମିତ କରିବାକୁ ଅତିଥିମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସଭାରେ ବରିଷ୍ଠ ସାହିତ୍ୟିକ ଦାଶ୍ ବେନହୁର ମୁଖ୍ୟ ଅତିଥି, ସ୍ମୃତି ସଂସଦର ଉପସଭାପତି ଡ. ଶଶଧର ଦାସ ବରେଣ୍ୟ ଅତିଥି, ପ୍ରଫୁଲ୍ଲ କୁମାର ସାହୁ ମୁଖ୍ୟବକ୍ତା, ନିରଞ୍ଜନ ବେହୁରିଆ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ଅନୁଷ୍ଠିତ ସଭାରେ ସବୁବର୍ଷ ଭଳି ଏଥର ପ୍ରଗତିଶୀଳ କବି ନିରଞ୍ଜନ ବେହୁରିଆଙ୍କୁ ଏହି ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ କବି ପୂର୍ଣ୍ଣଚନ୍ଦ୍ର ବହଳି ସ୍ୱାଗତ ସୂଚନା, ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂସଦର ସମ୍ପାଦକ ରତିକାନ୍ତ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଡ. ମମତା ସାହୁ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ।



# ମା' ଗଜଲକ୍ଷ୍ମୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭଦ୍ରକ,୨୨।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ମତୋ ପଞ୍ଚାୟତଠାରେ ମା' ଗଜଲକ୍ଷ୍ମୀଙ୍କ ନୂତନ ମନ୍ଦିର ସହିତ ନୂତନ ମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ସତ୍ୟାନନ୍ଦ ରାଉତ ଯୋଗଦେଇ ମା'ଙ୍କର ଆଶୀର୍ବାଦ ଗ୍ରହଣ କରିଥିଲେ। ସକାଳ ୬ଟା ୩୦ରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଅନେକ ଭକ୍ତ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସମେତ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ମନ୍ଦିର କମିଟିର ସଭାପତି ଓ ସମ୍ପାଦକଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ସନ୍ଥପୁରା କ୍ଲବ୍ ଚାମ୍ପିଅନ

ଭଦ୍ରକ,୨୨।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଉତ୍ତୁକୁଡ଼ା ପଞ୍ଚାୟତ ବିଶୁଆଳି ଗାଁର ହାପି କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ବିଶେଶ୍ୱର କ୍ରିକେଟ୍ ଗ୍ରାଉଣ୍ଡଠାରେ ୧୬ତମ ଏକଦିବସୀୟ ରାତ୍ରିକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମଗ୍ର ରାଜ୍ୟର ୮ଟି ଟିମ୍ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌ରେ କେନ୍ଦ୍ରାପଡ଼ାର ଡିସିସି ସନ୍ଥପୁରା କ୍ରିକେଟ୍ କ୍ଲବ୍ ଭୁବନେଶ୍ୱରର ନୋ-କମ୍ପ୍ରୋମାଇଜ୍ କ୍ରିକେଟ୍ କ୍ଲବ୍‌କୁ ୨୨ ରନ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ପ୍ରଥମେ ଟସ୍ ଜିତି ଡିସିସି ସନ୍ଥପୁରା ୫ ଓଭରରେ ୬ ୱିକେଟ୍ ବିନିମୟରେ ୭୪ ରନ୍ ହାସଲ କରିଥିବାବେଳେ ଜବାବରେ ନୋ-କମ୍ପ୍ରୋମାଇଜ୍ କ୍ଲବ୍ ୨ ୱିକେଟ ବିନିମୟରେ ମାତ୍ର ୫୨ ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ନୋକମ୍ପ୍ରୋମାଇଜ୍ କ୍ଲବ୍‌ର ନିହାର ରଞ୍ଜନଙ୍କୁ 'ବେଷ୍ଟ ବ୍ୟାଟ୍‌ସମ୍ୟାନ୍ ଆୱାର୍ଡ' ପ୍ରଦାନ କରାଯାଇଥିବାବେଳେ ଡିସିସି ସନ୍ଥପୁରା କ୍ଲବ୍‌ର ଲକିଙ୍କୁ 'ବେଷ୍ଟ ବୋଲର ଆୱାର୍ଡ' ପ୍ରଦାନ କରାଯାଇଥିଲା। ଚାମ୍ପିଅନ କ୍ଲବ୍‌କୁ ୫୦ ହଜାର ଟଙ୍କାର ଚେକ୍ ସହ ଟ୍ରଫି ଏବଂ ପରାଜିତ ଟିମ୍‌କୁ ୩୦ ହଜାର ଟଙ୍କାର ଚେକ୍ ସହ ରନର୍ସ ଅପ୍ କପ୍ ପ୍ରଦାନ କରାଯାଇଥିଲା। ଅମ୍ପାୟାର ମନୋଜ ନାଥ ଓ ଏସ୍. ସୁନାକର ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ଓକିଲ ସଙ୍ଘ ସଭାପତି ଉପେନ୍ଦ୍ର ରାଉଳ, ମୁଖ୍ୟବକ୍ତା ଉତ୍ତୁକୁଡ଼ା ସରପଞ୍ଚ ସୁଶାନ୍ତ ପୁହାଣ ଯୋଗଦେଇଥିଲେ।



# କାମରେ ଲାଗୁନି ଲକ୍ଷ ଲକ୍ଷ ଟଙ୍କାର ବସ୍‌ଷ୍ଟପ୍

ଭଣ୍ଡାରିପୋଖରୀ,୨୨।୪(ସମିସ): ରାଜ୍ୟ ସରକାର ଗ୍ରାମାଞ୍ଚଳ ପରିବହନର ସେବାକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା ଆରମ୍ଭ କରିଥିଲେ। ଭଣ୍ଡାରିପୋଖରୀ ବ୍ଲକ୍‌ର କେତେକ ଅଞ୍ଚଳରେ ଏହି ବସ୍ ସେବା ଲୋକମାନଙ୍କ ପାଇଁ ପ୍ରହସନ ପାଲଟିଛି। ଭଣ୍ଡାରିପୋଖରୀ ବ୍ଲକ୍‌ର ମୁଖ୍ୟାଳୟରୁ ମାତ୍ର ୩୦୦ ମିଟର ଦୂରରେ ଅବସ୍ଥିତ ବୟାବନାପୁର ପଞ୍ଚାୟତ ଏହି ଅଞ୍ଚଳକୁ ରାସ୍ତା ଯାତାୟାତ କରିବା ନିମନ୍ତେ ସୁବିଧା ଥିବା ସତ୍ତ୍ୱେ ବସ୍ ସେବା ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିନାହିଁ। କିନ୍ତୁ ଏହି ବସ୍ ସେବାରୁ ବଞ୍ଚିତ ହୋଇ ବୟାବନାପୁର ପଞ୍ଚାୟତ ଅଞ୍ଚଳର ବାସିନ୍ଦା। ଭଣ୍ଡାରିପୋଖରୀ ବ୍ଲକ୍ ମୁଖ୍ୟାଳୟରୁ ବାହାରି ସରସଦା ପଞ୍ଚାୟତ ଦେଇ ମାଳଦା ଅଭିମୁଖେ ଯାଉଥିବା ବସ୍‌ଟି ପ୍ରଥମେ ବୟାବନାପୁର ପଞ୍ଚାୟତ ଅଭିମୁଖେ ବାହାରି ହାଇଲେବୁଲ କେନାଲ ବନ୍ଧ ରାସ୍ତା ସହିତ ସଂଯୋଗ ହୋଇଥିବା ୩ ନମ୍ବର କେନାଲ ବନ୍ଧ ରାସ୍ତା ସରସଦା ପଞ୍ଚାୟତକୁ ସଂଯୋଗ ହୋଇଥିବାରୁ ଏହି ରୁଟ୍ ଦେଇ ବସ ଚଳାଚଳ କରିବା ନିମନ୍ତେ ଅଞ୍ଚଳବାସୀମାନେ ଦାବି କରିଛନ୍ତି। ବୟାବନାପୁର ପଞ୍ଚାୟତକୁ ଆସିଥିବା ବସ୍‌ଷ୍ଟପ୍ ପାଇଁ ଲକ୍ଷ ଲକ୍ଷ ଟଙ୍କା ସାଧାରଣ ଲୋକଙ୍କ କାମରେ ଲାଗୁନାହିଁ। କାରଣ ବସ୍‌ଷ୍ଟପ୍‌ଟି ୧୬ ନଂ ଜାତୀୟ ରାଜପଥ କଡ଼ରେ ନିର୍ମାଣ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଲୁହା ଖୁଣ୍ଟି ପୋତାଯାଇ ଲୁହା ବ୍ୟାରିକେଟ୍ କରାଯାଇଥିବାରୁ ଏହି ବସ୍‌ଷ୍ଟପ୍‌କୁ ଯିବା ପାଇଁ ରାସ୍ତା ନାହିଁ। ଲୋକମାନଙ୍କ ଅଭିଯୋଗ ବସ୍‌ଷ୍ଟପ୍‌ଟିକୁ ବୟାବନାପୁର ପଞ୍ଚାୟତର ହେଡ୍ କ୍ୱାର୍ଟରରେ କରା ନ ଯାଇ ତଞ୍ଚକତା କରି ତରବରିଆ ଭାବରେ ଅନାବଶ୍ୟକ ଜାଗାରେ ନିର୍ମାଣ ହୋଇଥିବା ହେତୁ ସାଧାରଣ ଲୋକଙ୍କ କାମରେ ଲାଗୁନାହିଁ, ଯାହାଫଳରେ ବସ୍‌ଷ୍ଟପ୍‌ଟି ଅଦରକାରୀ ହୋଇପଡ଼ିଛି। ତେଣୁ ବୟାବନାପୁର ପଞ୍ଚାୟତର ସରକାରଙ୍କ ଗ୍ରାମାଞ୍ଚଳ ପରିବହନ ସେବାକୁ ସାମିଲ୍ କରିବା ନିମନ୍ତେ ପଞ୍ଚାୟତର ବୁଦ୍ଧିଜୀବୀମାନେ ବ୍ଲକ୍ ପ୍ରଶାସନ ଏବଂ ଓଏସ୍‌ଆର୍‌ଟିସିର ଭଦ୍ରକ ଜିଲ୍ଲା ଅଧିକାରୀଙ୍କୁ ଦାବି ଜଣାଇଛନ୍ତି।



# ବଟବୃକ୍ଷ ପ୍ରତିଷ୍ଠା ଉତ୍ସବ

ଭଦ୍ରକ,୨୨।୪(ସମିସ): ଭଦ୍ରକ ଚରମ୍ପା ନିକଟସ୍ଥ କୋଡ଼ ବରୁଆ ସନ୍ଥ ଶ୍ରୀଆଶାରାମଜୀ ବାପୁଜୀଙ୍କ ଆଶ୍ରମଠାରେ ରବିବାର ବଟବୃକ୍ଷ (ବଡ଼ଦାଦା) ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଶ୍ରମ ପରିସରରେ ଗୁରୁପୂଜନ, ସମୂହ ଆଶାରାମାୟଣ ପାଠ, ଗୁରୁ ଗୀତାପାଠ, ଗୁରୁମନ୍ତ୍ର ଜପ ଆୟୋଜିତ ହୋଇଥିଲା। ଏହାଛଡ଼ା କଳସ ଯାତ୍ରା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହାପରେ ଗୁରୁଙ୍କଠାରୁ ସ୍ପର୍ଶ ହୋଇଥିବା ବଟବୃକ୍ଷ ସ୍ଥାପନା ହୋଇଥିଲା। ଭୁବନେଶ୍ୱର ଧଉଳି ଆଶ୍ରମରୁ ଆସିଥିବା ପୂଜକମାନେ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଏଥିରେ ବାଲେଶ୍ୱର, ଯାଜପୁର, କଟକ ଓ ଭଦ୍ରକ ଜିଲ୍ଲାର ସାଧକ ଭାଇଭଉଣୀମାନେ ଯୋଗଦେଇଥିଲେ। ଦିବସଭରି କାର୍ଯ୍ୟକ୍ରମକୁ ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ସଦସ୍ୟମାନେ ପରିଚାଳନା କରିଥିଲେ।




# ନିଶାମୁକ୍ତ ଓଡ଼ିଶା ଲକ୍ଷ୍ୟରେ କଂଗ୍ରେସର ଜନଜାଗରଣ ଅଭିଯାନ



ସହିଦନଗର,୨୨।୪(ସମିସ): ରାଜ୍ୟ କଂଗ୍ରେସର ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଧାମନଗରରେ 'ନିଶାମୁକ୍ତ ଜନଜାଗରଣ ଅଭିଯାନ' ବୁଧବାର ଆୟୋଜିତ ହୋଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ଏବଂ ରାଜ୍ୟ ଅଧ୍ୟକ୍ଷ ମାନସ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନେତାମାନେ ଅସୁରାଳି, ଧୂଷୁରୀ ଓ ପାଳସାହି ଅଞ୍ଚଳରେ ଲୋକମାନଙ୍କୁ ନିଶାବିରୋଧୀ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ପରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଜଗନ୍ନାଥ ରାଉତଙ୍କ ବାସଭବନରେ ଏକ ସଚେତନତା ବୈଠକ କରାଯାଇ ଅଭିଯାନର ଲକ୍ଷ୍ୟ ଓ ପ୍ରଗତି ସମ୍ପର୍କରେ ଅବଗତ କରାଯାଇଥିଲା। ଭଦ୍ରକ ଜିଲ୍ଲାରେ ଦୁଇ ଦିନ ଧରି ଚାଲିଥିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ନିଶାମୁକ୍ତ ଓଡ଼ିଶା ଗଠନ ସହ ଯୁବପିଢ଼ିଙ୍କୁ ନିଶାରୁ ଦୂରେଇ ରଖିବା। ମଦ୍ୟପାନକୁ ଅନେକ ସାମାଜିକ ସମସ୍ୟା ଓ ଅପରାଧ ମୂଳ କାରଣ ଭାବେ ଚିହ୍ନଟ କରି, ଖୋଲା ଓ ଚୋରା ମଦ ବ୍ୟବସାୟ ରୋକିବା ପାଇଁ ସଚେତନତା ଆବଶ୍ୟକ। ସରକାର ନିର୍ବାଚନୀ ମୁଦାରେ ଦେଇଥିବା ପ୍ରତିଶ୍ରୁତି ଓଡ଼ିଶାରୁ ମଦ ବନ୍ଦ କରିବା ପାଳନ କରନ୍ତୁ ବୋଲି କର୍ମୀମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ସହ ବିଦ୍ୟାଧର ଜେନା, ଅଭିଷେକ ରାଉତ, ଆଶିଷ ମଲ୍ଲିକ, ରାଜେନ୍ଦ୍ର ଜେନା, ରଞ୍ଜନ ଜେନା, ଜାନକୀ ମଲ୍ଲିକ, ଦେବେନ୍ଦ୍ର ମହାନ୍ତି, ହରିହର ମଣ୍ଡଳ, ପୀତବାସ ଧଳ, ବିଜୟ ବାରିକ, ସଂଗ୍ରାମ କେଶରୀ ନାୟକ, ବିଶ୍ୱଜିତ୍ ସ୍ୱାଇଁ, ରବୀନ୍ଦ୍ର ମଲ୍ଲିକ, ଦୀନବନ୍ଧୁ ଦାସ, ମାନସ ତରାଇ ଓ ସଞ୍ଜିତ୍ ବାରିକଙ୍କ ସମେତ ବହୁ ନେତୃମଣ୍ଡଳୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିମାପଡ଼ାରେ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

ବନ୍ତ/ଆଗରପଡ଼ା,୨୨।୪(ସମିସ): ଓଡ଼ିଆଙ୍କ ଗଣପର୍ବ ରଜ ପାଇଁ ଏବେଠାରୁ ଉତ୍ସବମୁଖର ହେଲାଣି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ନିମାପଡ଼ା ଅଞ୍ଚଳ। ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବ କମିଟି ପକ୍ଷରୁ ଚଳିତ ବର୍ଷର ମହୋତ୍ସବ ପାଇଁ ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ରୀତିନୀତି ଅନୁଯାୟୀ, ପ୍ରଥମ ପ୍ରସ୍ତୁତି ପର୍ବ ଓ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ପାଇଁ ପ୍ରସ୍ତୁତ ହେଲା ଖସଡ଼ା। ପୂଜା ପରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ଚଳିତ ବର୍ଷର ରଜ ମହୋତ୍ସବକୁ କିଭଳି ଅଧିକ ଆଡ଼ମ୍ବରପୂର୍ଣ୍ଣ ଓ ଶୃଙ୍ଖଳିତ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। କମିଟିର ସଭାପତି ଶୁଭେନ୍ଦ୍ର କୁମାର ମିଶ୍ର, ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଏବଂ ସଂଯୋଜକ ଅଜୟ ପୃଷ୍ଟିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ଏକ ଚିଠା ପ୍ରସ୍ତୁତ କରାଯାଇଥିଲା। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସଭାପତି ହୃଷୀକେଶ ମିଶ୍ର, ସହ ସମ୍ପାଦକ ଶ୍ୟାମସୁନ୍ଦର ଯେନା, କୋଷାଧ୍ୟକ୍ଷ ସନାତନ ସେଠୀ, ଉପଦେଷ୍ଟା ମଣ୍ଡଳୀର ସଦସ୍ୟଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।



# ଅସ୍ତକରେ ଶ୍ରୀଶ୍ରୀ ବ୍ୟାସଦେବଜୀଉଙ୍କ ନୂତନ ପୂଜାଗୃହ ଉଦ୍‌ଘାଟିତ

ଭଦ୍ରକ,୨୨।୪(ସମିସ): ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ଅସ୍ତକ ଗାଁ ବ୍ୟାସବିହାରଠାରେ ଦଶ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ଜେନାସାହି ଚୌପାଦୀ ଭାଗବତ ଟୁଙ୍ଗିରେ ପୂଜା ପାଇ ଆସୁଥିବା ଶ୍ରୀଶ୍ରୀ ବ୍ୟାସଦେବଜୀଉଙ୍କ ପୋଥି ଗାଦିକୁ ନବନିର୍ମିତ ନୂତନ ପକ୍କାଗୃହକୁ ସ୍ଥାନାନ୍ତରିତ କରାଯାଇଛି। ପବିତ୍ର ଅକ୍ଷୟ ତୃତୀୟା ତିଥିରେ ବହୁ ଶ୍ରଦ୍ଧାଳୁ ଭକ୍ତ ତଥା ଆଖପାଖ ଅଞ୍ଚଳବାସୀଙ୍କ ଉପସ୍ଥିତିରେ ଘଟପୂଜା ଓ ପ୍ରାଣପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ପରେ ଶ୍ରୀଶ୍ରୀ ବ୍ୟାସଦେବଜୀଉଙ୍କୁ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ ପୂର୍ବକ ଗର୍ଭଗୃହକୁ ପ୍ରବେଶ କରାଇଥିଲେ। ବିଶେଷ କରି ଆଖପାଖ ପଞ୍ଚାୟତର ୧୧ଜଣ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ପୂଜ୍ୟପୂଜା ପରମ୍ପରା କ୍ରମେ ନୂତନ ଶାଲ୍ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦ୍‌ଭିନ୍ନ ଜେନାବଂଶର ସମସ୍ତ ପରିବାର ବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସମସ୍ୟା ଘେରରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

ଧାମନଗର,୨୨।୪(ସମିସ)



ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁରୁତ୍ୱ ବହନ କରୁଥିବା ଏକ ପ୍ରାଚୀନ ସ୍ୱାସ୍ଥ୍ୟ ଅନୁଷ୍ଠାନ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ୧୯୯୪ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ସମୟରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଏହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ପାଇଥିଲା। ପ୍ରାୟ ୧୬ଟି ପଞ୍ଚାୟତ ଓ ଗୋଟିଏ ଏନ୍‌ଏସିର ୫୦ ହଜାର ଲୋକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ବିଭିନ୍ନ ସମୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିଜର ଗୌରବ ବଜାୟ ରଖିଥିବା ଏହି ସିଏଚ୍‌ସିରେ ଏବେ କର୍ମଚାରୀ ଓ ଅଧିକାରୀ ମରୁଡ଼ି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲକ୍ ପବ୍ଲିକ୍ ହେଲ୍‌ଥ ଅଫିସର (ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ) ନାହାନ୍ତି। ଏଥିସହିତ ଏଲ୍‌ଟିଆର୍ ମେଡିକାଲ ଅଫିସର ୨ଟି ପଦ ଶୂନ୍ୟ ପଡ଼ିଛି। ଜଣେ ଡେପୁଟେସନରେ ଯାଇଥିବାବେଳେ ଆଉଜଣେ ଷ୍ଟଡି ଲିଭ୍(ଉଚ୍ଚଶିକ୍ଷା ନିମନ୍ତେ)ରେ ଯାଇଛନ୍ତି। ଏଠାରେ ପୁରୁଷ ଓ ମହିଳା ହେଲ୍‌ଥ ସୁପରଭାଇଜର ପଦ ଶୂନ୍ୟ ଥିବାବେଳେ ହେଲ୍‌ଥ ୱାର୍କର ଫିମେଲ୍‌ଙ୍କ ପଦୋନ୍ନତି ପରେ ଏହି ସ୍ଥାନ ମଧ୍ୟ ଶୂନ୍ୟ ପଡ଼ିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୂର୍ବରୁ ୨୮ଟି ସବ୍ ସେଣ୍ଟର ଥିବାବେଳେ ୨୦୨୨-୨୩ରେ ତତ୍କାଳୀନ ସରକାର ଆଉ ୧୭ଟି ବଢ଼ାଇ ମୋଟ ୪୫ଟି ସେଣ୍ଟର କଲେ। ମାତ୍ର ୧୨ ଜଣ ନିଯୁକ୍ତି ଦେଇଥିବାବେଳେ ନୂଆ ସେଣ୍ଟରରେ ୫ଟି ପଦ ଫାଙ୍କା ପଡ଼ିଛି। ଏଥିସହିତ ପୁରୁଣା ସେଣ୍ଟର ୨୮ରୁ ୧୪ଟିରେ ଅଧିକାରୀ ନାହାନ୍ତି। ତେବେ ମୋଟ୍ ଉପରେ ୪୫ଟି ସବ୍ ସେଣ୍ଟରରୁ ୧୯ଟିରେ ଅଧିକାରୀ ପଦ ଶୂନ୍ୟ ପଡ଼ିଛି। ଏଥିସହିତ ସ୍ୱାସ୍ଥ୍ୟ ପରିଦର୍ଶକ ପଦ ୬ଟି ଥିବାବେଳେ ଗତ ସରକାର ସମୟରେ ୩ଟି ବଢ଼ି ୯ଟି ହୋଇଥିଲା। ଏବେ ଏହି ପଦ ୭ଟି ଫାଙ୍କା ପଡ଼ିଥିବାବେଳେ ଚଳିତ ମାସ ଶେଷରେ ଜଣେ ଅବସର ନେଲେ ଆଉ ମାତ୍ର ଜଣେ ରହିବେ। ଗୋଟିଏ ବିଭାଗରେ ୯ ଜଣଙ୍କ କାମକୁ ଜଣେ କିପରି ସମ୍ଭାଳିବେ ତାହା ଆଶ୍ଚର୍ଯ୍ୟର ବିଷୟ। ଏଥିସହିତ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦ ଜଣ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ପଦରୁ ମାତ୍ର ଜଣେ ଥିବାବେଳେ ଆଉ ୯ଟି ପଦ ଶୂନ୍ୟ ପଡ଼ିଛି। ମୋଟ୍ ଉପରେ କହିବାକୁ ଗଲେ ବିଗତ ୨ ବର୍ଷ ମଧ୍ୟରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅବସରଜନିତ ଶୂନ୍ୟ ପଦ ପୂରଣ ହୋଇନାହିଁ। ସବୁଠାରୁ ଆଶ୍ଚର୍ଯ୍ୟ ଓ ଚକିତ ହେବାଭଳି କଥା ହେଲା ଯେ, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦ ସମ୍ପୂର୍ଣ୍ଣ ଶୂନ୍ୟ ପଡ଼ିଛି। ପୂର୍ବରୁ ଏହି ପଦରେ ୮ ଜଣ କାର୍ଯ୍ୟ କରୁଥିବାବେଳେ ଧୀରେ ଧୀରେ ସମସ୍ତେ ଅବସର ନେବାରୁ ତାହା ଫାଙ୍କା ପଡ଼ିଛି। ନାହିଁ ନାହିଁରେ ଚାଲିଥିବା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଣ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲାପାଳ ଓ ସର୍ବୋପରି ଧାମନଗର ବିଧାୟକ ତଥା ମନ୍ତ୍ରୀ ଏଥିପ୍ରତି ସଦୟ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ଅନେକ ବିଭାଗରେ ଅଧିକାରୀ ମରୁଡ଼ି, ୪ର୍ଥ ଶ୍ରେଣୀ କର୍ମଚାରୀ ଶୂନ୍

